# Akashvani, Sambalpur

## SAMBALPURI NEWS EVENING BULLETIN

**19 November 2025- 7.02 pm- 7.12 pm.**

*********************************************

୧- ଭାରତ୍ ଜୈବିକ୍ କୃଷିର୍ କେନ୍ଦ୍ରସ୍ଥଳ୍ ହେବାର୍‌କେ ଯାଉଛେ - କହେଲେ ପ୍ରଧାନ୍‌ମନ୍ତ୍ରୀ ।

- ପିଏମ୍ କିଷାନ୍ ସମ୍ମାନ୍‌ନିଧି ଯୋଜ୍‌ନାଥି ଦେଶର୍ ୯ କୋଟିନୁ ଅଏତ୍‌କା ଚାଷୀଙ୍କୁ ବାଂଟ୍‌ଲେ ୧୮ ହଜାର୍ କୋଟିନୁ ଅଏତ୍‌କା ଟଙ୍କା ।

- ରାଜ୍ୟସ୍ତରୀୟ ସମାରୋହଥି ଯୋଗ୍ ଦେଲେ ମୁଖ୍ୟମନ୍ତ୍ରୀ ।

୨- ରାଉର୍‌କେଲା ଇସ୍ପାତ୍ କାର୍‌ଖାନାର ସମ୍ପ୍ରସାରଣ୍ ବାବ୍‌ଦେ ମୁଖ୍ୟମନ୍ତ୍ରୀଙ୍କର୍ ସାଙ୍ଗେ ଆଲୋଚନା କଲେ କେନ୍ଦ୍ର ବୃହତ୍ ଶିଳ୍ପ ଆଉ ଇସ୍ପାତ୍ ମନ୍ତ୍ରୀ ।

ଆଉର୍

୩- ଜିଲ୍ଲାପାଳ୍ ଆଉ ଆରକ୍ଷୀ ଅଧିକ୍ଷକ୍ ସମ୍ମିଳନୀ ହେଲା ଉଦ୍‌ଯାପିତ ।

ପିଏମ୍ କିଷାନ୍ ସମ୍ମାନ୍ ନିଧି		ଏନ୍‌ଏସ୍‌ଡି

ଭାରତ୍ ଜୈବିକ୍ କୃଷିର୍ କେନ୍ଦ୍ରସ୍ଥଲ୍ ହେବାର୍‌କେ ଯାଉଛେ ଆଉ ଇତାର୍ ଜୈବ ବିବିଧତା ନୂଆଁ ରୂପ୍ ନଉଛେ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ତାମିଲ୍‌ନାଡୁ କୋଏମ୍ବାଟୁର୍ ନ ପିଏମ୍ କିଷାନ୍ ସମ୍ମାନ୍ ନିଧି ଯୋଜ୍‌ନାର୍ ୨୧ ନମ୍ବର୍ କିସ୍ତିର୍ ସାହାଜ୍ ଟଙ୍କା ବାଂଟିକରି କହିଛନ୍, ଗଲା ୧୧ ବଛର୍ ଭିତ୍‌ରେ ଦେଶର୍ କୃଷିକ୍ଷେତ୍ରଥି ବହୁତଟେ ସଂସ୍କାର୍ ଆସିଛେ । ଦେଶର୍ କୃଷି କ୍ଷେତ୍ରର୍ ଆଧୁନିକ୍‌କରଣ୍ ଲାଗି ସର୍‌କାର୍ ବହୁତ୍‌ଟେ ପଦକ୍ଷେପ୍ ନେଇଛନ୍ । ଇଥିର୍‌ଲାଗି ଦେଶର୍ କୃଷି ରପ୍ତାନୀ ଦୁଇଗୁନା ହେଇପାରିଛେ । ଚାଷୀମାନ୍‌କୁ ଇହାଦେ କିଷାନ୍ କ୍ରେଡ଼ିଟ୍ କାର୍ଡ଼ ଜରିଏ ୧୦ ଲାଖ୍ କୋଟି ଟଙ୍କାର୍ ଲାଭ୍ ମିଲିପାରୁଛେ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ଦେଶର୍ ୯ କୋଟିନୁ ଅଏତ୍‌କା ଚାଷୀମାନ୍‌କର୍ ବେଙ୍କ୍ ଖାତାକେ ୧୮ ହଜାର୍ କୋଟି ନୁ ଅଏତ୍‌କା ଟଙ୍କା ହସ୍ତାନ୍ତର୍ କରିଛନ୍ । କାର୍ଯ୍ୟକ୍ରମ୍‌ଥି ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର୍ ରାଷ୍ଟ୍ରମନ୍ତ୍ରୀ ଡକ୍ଟର୍ ଏଲ୍. ମୁରୁଗନ୍ ଉପସ୍ଥିତ୍ ଥିଲେ ।

ପିଏମ୍ କିଷାନ୍- ମୁଖ୍ୟମନ୍ତ୍ରୀ		ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ

ଚାଷୀମାନ୍‌କର୍ ସଶକ୍ତିକରଣ୍ ଆଉ କଲ୍ୟାଣ୍ ହେଉଛେ ରାଜ୍ୟ ସର୍‌କାର୍‌ଙ୍କର୍ ମୁଖ୍ୟ ଲକ୍ଷ୍ୟ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଭୁବ୍‌ନେଶ୍ୱର୍ କୃଷି ଭବନ୍ ନ ହେଇଥିବା ପିଏମ୍ କିଷାନ୍ ସମ୍ମାନନିଧି ଯୋଜ୍‌ନାର୍ ୨୧ ନମ୍ବର୍ କିସ୍ତି ବଂଟନ୍‌ର ରାଜ୍ୟସ୍ତରୀୟ ସମାରୋହଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ଇ କିସ୍ତିଥି ରାଜ୍ୟର୍ ୩୪ ଲାଖ୍ ନୁ ଅଏତ୍‌କା ଚାଷୀମାନ୍‌କୁ ୭ ଶହ କୋଟିନୁ ଅଏତ୍‌କା ଟଙ୍କା ହସ୍ତାନ୍ତର୍ କରାଯାଇଛେ । ପିଏମ୍ କିଷାନ୍ ସମ୍ମାନ୍ ନିଧି ଯୋଜ୍‌ନାଥି ବଛର୍‌କ ହିତାଧିକାରୀ ଚାଷୀମାନ୍‌କୁ ୬ ହଜାର୍ ଟଙ୍କା ଲେଖା ସାହାଜ୍ ଦିଆଯାଉଥିଲା ବେଲେ ରାଜ୍ୟ ସର୍‌କାର୍‌ଙ୍କର ତର୍‌ଫୁ ସିଏମ୍ କିଷାନ୍ ଯୋଜ୍‌ନାଥି ୪ ହଜାର୍ ଟଙ୍କା ଲେଖା ଦିଆଯାଉଛେ । ଇ ଆର୍ଥିକ୍ ବଛ୍‌ରେ ସିଏମ୍ କିଷାନ୍ ଯୋଜ୍‌ନାଥି ରାଜ୍ୟର୍ ୫୧ ଲାଖ୍ ନୁ ଅଏତ୍‌କା ଚାଷୀଙ୍କୁ ପାଖାପାଖି ୩ ହଜାର୍ କୋଟି ଟଙ୍କା ବଂଟାଯାଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

୨୦୨୪ ଶିକ୍ଷା ବଛ୍‌ରେ ୧୩ ହଜାର୍ କୃଷି ବିଦ୍ୟାନିଧି ଯୋଜ୍‌ନାଥି ରାଜ୍ୟର୍ ପାଖାପାଖି ୧୪ ହଜାର୍ ଝନ୍‌କୁ ୫୩ କୋଟିନୁ ଅଏତ୍‌କା ଛାତ୍ରବୃତି ଦିଆଯାଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ୍ ଚାଷୀମାନ୍‌କର୍ ସାଙ୍ଗେ ଆଲୋଚନା କରିକରି ଫସଲ୍

ବିବିଧକରଣ୍ ଲାଗି ତହଁକେଇଛନ୍ । କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ, ଓୟୁଏଟିର କୁଳପତି ପ୍ରଫେସର୍ ଡକ୍ଟର୍ ପ୍ରଭାତ୍ ରାଉଳ ଆଉ ଅଲ୍‌ଗା ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

କେନ୍ଦ୍ର ଇସ୍ପାତ୍‌ମନ୍ତ୍ରୀ- ମୁଖ୍ୟମନ୍ତ୍ରୀ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ

ରାଉର୍‌କେଲା ଇସ୍ପାତ୍ କାର୍‌ଖାନାର ସମ୍ପ୍ରସାରଣ୍ ଆଉ ଆଧୁନିକ୍‌କରଣ୍ କରାଯିବା । ଇ ବାବ୍‌ଦେ ଓଡ଼ିଶା ଗସ୍ତଥି ଆସିଥିବା କେନ୍ଦ୍ର ବୃହତ୍ ଶିଳ୍ପ ଆଉ ଇସ୍ପାତ୍ ମନ୍ତ୍ରୀ ଏଚ୍.ଡି. କୁମାର୍ ସ୍ୱାମୀ- ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କୁ ଭେଟିକରି ଆଲୋଚନା କରିଛନ୍ । କାର୍‌ଖାନାର୍ ଆଧୁନିକ୍‌କରଣ୍ କାମ୍ ଠିକ୍ ଭାବେ ଚାଲିଥିଲା ବେଲେ ସମ୍ପ୍ରସାରଣ୍ ଲାଗି ଜମି ଅଧିଗ୍ରହଣ୍ କାମ୍ ସୁରୁଖୁରୁଥି କର୍‌ବାର୍ ଲାଗି ଦୁହି ନେତାଙ୍କର୍ ଭିତ୍‌ରେ ଆଲୋଚନା ହେଇଛେ । କାର୍‌ଖାନାର୍ ବାର୍ଷିକ ଉତ୍ପାଦନ୍ କ୍ଷମତା ୪ ଦଶ୍‌ମିକ୍ ୫ ନୁ ୯ ଦଶ୍‌ମିକ ୫ ମିଲିୟନ୍ ଟନ୍‌କେ ବଢ଼ାବାର୍ ଲାଗି ଲକ୍ଷ୍ୟ ରଖାଯାଇଛେ ବଲି କେନ୍ଦ୍ରମନ୍ତ୍ରୀ କହିଛନ୍ । ଇଥିର୍‌ଲାଗି ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ସବୁ ସହଯୋଗ୍ କରାଯିବା ବଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ । ରାଉର୍‌କେଲା ନ ବିମାନ୍ ବନ୍ଦର୍ ଥାପ୍‌ନା ଲାଗି ଜମି ଯୋଗାଣ୍ ବାବ୍‌ଦେ ଭିଲ୍ ବୈଠକ୍‌ଥି ଆଲୋଚନା

ହେଇଛେ । ଇ ଅବ୍‌ସରେ କେନ୍ଦ୍ର ଆଦିବାସୀ ବ୍ୟାପାର୍ ମନ୍ତ୍ରୀ ଜୁଏଲ୍ ଓରାମ୍, ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜା ଆଉ ଅଲ୍‌ଗା ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ପ୍ରାଇଡ୍ ପ୍ରତିନିଧି- ମୁଖ୍ୟମନ୍ତ୍ରୀ        ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ

ସଂସଦୀୟ ସଚିବାଳୟର୍ ଗଣତନ୍ତ୍ରର୍ ଲାଗି ସଂସଦୀୟ ଗବେଷଣା ଆଉ ତାଲିମ୍ ସଂଗଠନ୍ - ପ୍ରାଇଡ୍ ତର୍‌ଫୁ ଓଡ଼ିଶା ଗସ୍ତଥି ଆସିଥିବା ୧୨ ଟା ଦେଶର୍ ୪୦ ଝନ୍ ପ୍ରତିନିଧି ଆଏଜ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କୁ ଭେଟିଛନ୍ । ଇ ଅବ୍‌ସରେ ହେଇଥିବା ଗୁଟେ ବୈଠକ୍‌ଥି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବିଦେଶୀ ପ୍ରତିନିଧି ମାନ୍‌କୁ ଓଡ଼ିଶାର୍ ବର୍‌କସ୍ ଗଣତାନ୍ତ୍ରିକ୍ ପରମ୍ପରା ଆଉ ବିଧାନ୍‌ସଭାର୍ ୮୯ ବଛରର୍ ଉତ୍କୃଷ୍ଟ ଜନସେବାର୍ ଐତିହ୍ୟ ବାବ୍‌ଦେ ବୁଝେଇଥିଲେ ।

ଜିଲ୍ଲାପାଳ୍, ଏସ୍‌ପି ସମ୍ମିଳନୀ        I&PR

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଚାଲିଥିବା ଜିଲ୍ଲାପାଳ୍ ଆଉ ଆରକ୍ଷୀ ଅଧିକ୍ଷକ୍ ସମ୍ମିଳନୀ ଆଏଜ୍ ଉଦ୍‌ଯାପିତ୍ ହେଇଛେ । ଉଦ୍‌ଯାପନୀ ଦିବସ୍‌ର ପହେଲା ଅଧିବେଶନ୍‌ଥି ପୂର୍ତ ଆଉ

ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍, ନଗର୍ ଉନ୍ନୟନ୍ ମନ୍ତ୍ରୀ ଡକ୍ଟର୍ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ୍ ଦେଇକରି ଅଧିକାରୀମାନ୍‌କର୍ ସଙ୍ଗେ ବହୁତ୍‌ଟେ ଗୁରୁତ୍ୱପୂର୍ଣ୍ଣ ବିଷେଥି ଆଲୋଚନା କରିଛନ୍ । ରାଏଜେ ସହରୀକରଣ୍ ଲାଗି ନୂଆଁ ରାସ୍ତା, ଭିତିଭୂମି ବିକାଶ୍, ବର୍ଜ୍ୟବସ୍ତୁ ପରିଚାଳନା ଆଉ ଲୁକ୍‌କର୍ ସୁବିଧା ଲାଗି ଯୋଜ୍‌ନାବଦ୍ଧ ବିକାଶ୍ ବାବ୍‌ଦେ ଆଲୋଚନା କରାଯାଇଛେ । ଆଏବା ୫୦ ବଛର୍‌କେ ନଜର୍‌ଥି ରଖିକରି ଯୋଜ୍‌ନା ତିଆର୍ କର୍‌ବାର୍‌କେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ ଅଧିକାରୀମାନ୍‌କୁ ପରାମର୍ଶ ଦେଇଛନ୍ । ସେନ୍ତା ବସ୍ତି ବାସିନ୍ଦାଙ୍କର୍ ଲାଗି କମ୍ ଦାମ୍‌ଥି ଆବାସ୍ ଘର୍ ଆଉ ଆଉ ବୁଲା ଗାଇଗୋରୁଙ୍କର୍ ସୁରକ୍ଷା ଲାଗି କାମ୍ କର୍‌ବାର୍‌କେ ମନ୍ତ୍ରୀ ଶ୍ରୀ ମହାପାତ୍ର ପରାମର୍ଶ ଦେଇଛନ୍ ।

ରାଜସ୍ୱ ମନ୍ତ୍ରୀ ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟ ସର୍‌କାର୍ ୨୦୨୭ ଜନଗଣନା ଉତ୍‌ରୁ ତହସିଲ୍ ସଂଖ୍ୟା ବଢ଼ାବାର୍ ଲାଗି ନିଷ୍ପତି ନେଇଛନ୍ ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ସେ କହିଛନ୍, ସର୍‌କାରୀ ସେବାକେ ତୁରତି କର୍‌ବାର୍ ଲାଗି ପହେଲା ଖେପେ ବଡ଼ ତହସିଲ୍‌ମାନ୍‌କୁ ଭାଗ୍ କରାଯିବା । ୨ ଟା ପଂଚାୟତ୍

ଲାଗି ଗୁଟେ ଆର୍‌ଆଇ ସର୍କଲ୍ କରାଯିବା ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

(ଭଏସ୍ ଓଭର୍- ରାଜସ୍ୱ ମନ୍ତ୍ରୀ)

ଏନ୍‌ଟିପିସି-ଦର୍ଲିପାଲି ଗ୍ରାମସଭା ପ୍ରେସ୍ ରିଲିଜ୍

ସୁନ୍ଦର୍‌ଗଡ୍ ଜିଲ୍ଲା ଦର୍ଲିପାଲି ଏନ୍‌ଟିପିସିର ସମ୍ପ୍ରସାରଣ୍ ଲାଗି ଜମି ଅଧିଗ୍ରହଣ୍‌କେ ନେଇକରି ଆଏଜ୍ ଦର୍ଲିପାଲି ନ ଗ୍ରାମ୍‌ସଭାର୍ ଆୟୋଜନ୍ କରାଯାଇଥିଲା । ଲେଫ୍ରିପଡ଼ା ଗୋଷ୍ଠୀ ଉନ୍ନୟନ୍ ଅଧିକାରୀ ଅତିଶି ପରିଡ଼ାଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଗ୍ରାମ୍‌ସଭାଥି ରାଜ୍ୟ ସର୍‌କାର୍‌ଙ୍କର୍ ଜମି ଅଧିଗ୍ରହଣ୍ ବିଭାଗ୍‌ର ଅଧିକାରୀ, ଏନ୍‌ଟିପିସି ଅଧିକାରୀ ଆଉ ଦର୍ଲିପାଲିର୍ ଗାଁର୍ ଲୁକେ ଉପସ୍ଥିତ୍ ଥିଲେ । ଗ୍ରାମ୍‌ସଭାଥି ଅଂଚଲ୍‌ବାସୀ ସାମିଲ୍ ହେଇକରି କମ୍ପାନୀର୍ ସିଏସ୍‌ଆର୍ କାର୍ଯ୍ୟକ୍ରମ୍ ଜରିଏ ଅତିରିକ୍ତ ବିକାଶ୍ କାମ୍ କର୍‌ବାର୍ ଲାଗି ଅନୁରୋଧ୍ କରିଥିଲେ । ଲୁକ୍‌କର୍ ଅନୁରୋଧ୍ ଅନ୍‌ସାରେ ଆଘର୍ ବାଗିର୍ ଆଗ୍‌କେ ଭିଲ୍ ଇଲାକା ନ ଜନକଲ୍ୟାଣ୍‌କାରୀ କାମ୍ ଚାଲୁ ରହେବା ବଲି ଏନ୍‌ଟିପିସି ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ ।

ପଂଚାୟତିରାଜ ମନ୍ତ୍ରୀ-ବଲାଙ୍ଗିର୍ ବଲାଙ୍ଗିର୍ ସମ୍ବାଦଦାତା

ପଂଚାୟତିରାଜ୍ ଆଉ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ଆଏଜ୍ ବଲାଙ୍ଗିର୍ ଜିଲ୍ଲା ଖପ୍ରାଖୋଲ୍ ବ୍ଲକ୍‌ର ଭିନ୍ ଭିନ୍ ଗାଁ କେ ଯାଇକରି ଦାଦନ୍ ସମସ୍ୟାର୍ ଥିତି ପର୍‌ଖିଛନ୍ । ବ୍ଲକ୍‌ର କୁତୁର୍ଲା ଗାଁ ନ ଘର୍ ଘର୍ ଯାଇକରି ଲୁକ୍‌କର୍ ସମସ୍ୟା ବୁଝିଛନ୍ । ସମସ୍ୟା ମାନ୍‌କର୍ ତୁର୍‌ତି ସମାଧାନ୍ କର୍‌ବାର୍ ଲାଗି ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ଇ ଅବ୍‌ସରେ ଜିଲ୍ଲା ପ୍ରଶାସନ୍‌ର ଅଧିକାରୀମାନେ ଭିଲ୍ ଉପସ୍ଥିତ୍ ଥିଲେ ।

ଏକତା ପଦଯାତ୍ରା ବଲାଙ୍ଗିର୍ ସମ୍ବାଦଦାତା

ସର୍ଦ୍ଦାର୍ ବଲ୍ଲଭ୍ ଭାଇ ପଟେଲ୍‌ଙ୍କର୍ ଶହେ ୫୦ ନମ୍ବର୍ ଜୟନ୍ତୀ ବଛର୍ ଅବ୍‌ସରେ ବଲାଙ୍ଗିର୍ ଜିଲ୍ଲା ଲୁଇସିଂହା କଲେଜ୍ ପଢ଼ିଆ ନ ଆଏଜ୍ ଏକତା ପଦଯାତ୍ରାର୍ ଆୟୋଜନ୍ କରାଯାଇଥିଲା । କାର୍ଯ୍ୟକ୍ରମ୍‌ଥି ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ, ବଲାଙ୍ଗିର୍ ସାଂସଦ୍ ସଂଗୀତା କୁମାରୀ ସିଂହଦେଓ ଅତିଥି ଭାବେ ଯୋଗ୍ ଦେଇକରି ପଦଯାତ୍ରାର୍ ଶୁଭାରମ୍ଭ କରିଥିଲେ । ଇ ଅବ୍‌ସରେ ଶହେ ମିଟର୍ ଲମ୍ବା ତ୍ରିରଙ୍ଗା ପତାକାକେ ନଗର୍ ପରିକ୍ରମା କରାଯାଇଥିଲା । ପଦଯାତ୍ରା ସହରର୍ କଲେଜ୍ ପଢ଼ିଆନୁ ବାହାରିକରି ଅଗ୍ରସେନ୍ ଭବନ୍ ତକ୍ ଯାଇଥିଲା ।

ପିଏମ୍ କିଷାନ୍- ଝାର୍‌ସୁଗୁଡ଼ା        ଝାର୍‌ସୁଗୁଡ଼ା  ସମ୍ବାଦଦାତା

ଝାର୍‌ସୁଗୁଡ଼ା ଜିଲ୍ଲା କୃଷି ବିଭାଗ୍ କାର୍ଯ୍ୟାଳୟ ନ ପ୍ରଧାନ୍‌ମନ୍ତ୍ରୀଙ୍କର୍ ପିଏମ୍ କିଷାନ୍ ସମ୍ମାନ୍ ନିଧି ସାହାଜ୍ ଟଙ୍କା ବଂଟନ୍ କାର୍ଯ୍ୟକ୍ରମ୍‌ର ସିଧାପ୍ରସାରଣ୍ କରାଯାଇଥିଲା । ଯୋଜ୍‌ନାଥି ଝାର୍‌ସୁଗୁଡ଼ା ଜିଲ୍ଲାର୍ ୩୩ ହଜାର୍ ୪ ଶହ ନୁ ଅଏତ୍‌କା ଚାଷୀଙ୍କର୍ ଏକାଉଂଟ୍‌କେ ସାହାଜ୍ ଟଙ୍କା ଆସିଛେ । ଇ କାର୍ଯ୍ୟକ୍ରମ୍‌ଥି ବର୍‌ଗଡ଼୍ ସାଂସଦ୍ ପ୍ରଦୀପ୍ ପୁରୋହିତ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଝାର୍‌ସୁଗୁଡ଼ା ବିଧାୟକ୍ ଟଙ୍କଧର୍ ତ୍ରିପାଠୀଙ୍କର୍ ସହେତେ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ସମ୍ବଲ୍‌ପୁର୍ ରେଲ୍‌ମଣ୍ଡଲ-ମକ୍‌ଡ୍ରିଲ୍   ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ରେଲ୍‌ମଣ୍ଡଲ୍ ତର୍‌ଫୁ ଜିଲ୍ଲାର୍ ରେଙ୍ଗାଲି ରେଲ୍‌ଷ୍ଟେସନ୍ ନ ମକ୍‌ଡ୍ରିଲ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ଇ ଅବ୍‌ସରେ ଟ୍ରେନ୍‌ନୁ କିଛି ବଗି ଲାଇନ୍‌ଚ୍ୟୁତ ହେବାର୍ ଉତ୍‌ରୁ ଆହତ ଯାତ୍ରୀମାନ୍‌କୁ କେନ୍ତାକରି ଉଦ୍ଧାର୍ କରାଯାଏସି ସେ ବାବ୍‌ଦେ ରେଲ୍‌ବାଇ ସୁରକ୍ଷା ବାହିନୀ ତର୍‌ଫୁ କୌଶଲ୍ ପ୍ରଦର୍ଶନ୍ କରାଯାଇଥିଲା ।

ମସ୍ୟ ଆଉ ପ୍ରାଣୀସମ୍ପଦ୍ ମେଳା     ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲା ରେଙ୍ଗାଲି ଠାନେ ବ୍ଲକ୍‌ସ୍ତରୀୟ ମସ୍ୟ ଆଉ ପ୍ରାଣୀସମ୍ପଦ୍ ମେଳା ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ସାଂସଦ୍ ପ୍ରତିନିଧି ନାଉରୀ ନାଏକ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ମାଛ୍ ଚାଷ୍ ଆଉ ପ୍ରାଣୀପାଳନ୍ ଲାଗି ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ଥିବା ଭିନ୍ ଭିନ୍ ଯୋଜ୍‌ନା ବାବ୍‌ଦେ ବୁଝେଇଥିଲେ । ଇ ଅବ୍‌ସରେ ବ୍ଲକ୍‌ସ୍ତରର୍ ସଫଲ୍ ଚାଷୀମାନ୍‌କୁ ସମ୍ମାନିତ୍ କରାଯାଇଥିଲା ।

ଦେବ ଦିପାବଲୀ     ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍‌ଠାନୁ ମାହାପୁରୁମାନ୍‌କର୍ ଦେବ ଦିପାବଲୀ ନୀତି ମୁଲ୍ ହେଉଛେ । ୩ ଦିନ୍‌ତକ୍ ହେବାର୍‌କେ ଥିବା ଇ ନୀତିଥି ମାହାପୁରୁମାନେ ତାଙ୍କର୍ ପିତୃପୁରୁଷଙ୍କର୍ ଉଦ୍ଦେଶ୍‌ଥି ଦୀପଦାନ କର୍‌ବାର୍ ସହେତେ ଶ୍ରାଦ୍ଧ ତର୍ପଣ୍ କର୍‌ବେ । ଇ ସମିଆଥି ମାହାପୁରୁମାନେ ଶ୍ରାଦ୍ଧ ବେଶଥି ଦର୍ଶନ୍ ଦେବେ ।

ପାଣିପାଗ୍     ଆର୍‌ଏନ୍‌ୟୁ/ ସମ୍ବଲପୁର

ସାରା ରାଏଜେ ଶୀତ୍‌ର ପ୍ରଭାବ୍ ଗଲାକାଏଲ୍‌ଠାନୁ ସାମାଏନ୍ କମିଛେ । ଆଏବା ୨୪ ଘଂଟା ତକ୍ ରାଜ୍ୟର୍ ବଡ଼ଭାଗୀ ଜାଗା ନ ପାଗ୍ ଏନ୍ତା ରହେବା । ଆଏବା ୨ ଦିନ୍ ଭିତ୍‌ରେ ରାତିର୍ ତାପମାତ୍ରା ଆହୁରି ୨ ନୁ ୩ ଡିଗ୍ରୀତକ୍ ବଢ଼ିକରି ଶୀତ୍ ଆଉ ଟିକେ କମିପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।